# NATIONAL NEWS BULLETIN (ODIA)

## 9 October - 2026

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ସହ ନିଜର ଦକ୍ଷତା ବୃଦ୍ଧି କରିବାକୁ ଯୁବବର୍ଗଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ।

- ଭାରତୀୟ ବଂଶୋଦ୍ଭବ ଦକ୍ଷିଣ ଆଫ୍ରିକା ଆଇନ୍‌ଜୀବୀ ନଭ୍‌ନେଥମ୍ ନଭି ପିଲେ ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ମନୋନୀତ ।

- ତାଞ୍ଜାନିଆରେ ସଡ଼କ ଦୁର୍ଘଟଣାରେ ୨୮ ଜଣଙ୍କର ମୃତ୍ୟୁ ।

ଏବଂ

- ରାଞ୍ଚିଠାରେ ଭାରତ-ୱେଷ୍ଟଇଣ୍ଡିଜ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଜାରି ।

# ପିଏମ୍-ୱାର୍ଲ୍ଡସ୍କିଲ୍ କମ୍ପିଟିସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଦ୍ରୁତ ବୈଶ୍ୱିକ ବିକାଶ ଦୃଷ୍ଟିରୁ ଯୁବବର୍ଗ ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ସହ ନିରନ୍ତର ଭାବେ ସେମାନଙ୍କର ଦକ୍ଷତା ଉନ୍ନତ କରିବାର ଆବଶ୍ୟକତା ରହିଛି । ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀଙ୍କ ବାସଭବନଠାରେ ଆୟୋଜିତ ବିଶ୍ୱ ଦକ୍ଷତା ପ୍ରତିଯୋଗିତା ସାଂଘାଇ ୨୦୨୬ର ଭାରତୀୟ ପ୍ରତିଯୋଗୀମାନଙ୍କ ସହ ମତବିନିମୟ କରି ଶ୍ରୀ ମୋଦୀ ଏହା କହିଛନ୍ତି ।

ବିଶ୍ୱ ମଞ୍ଚରେ ଭାରତୀୟ ପ୍ରତିଯୋଗୀମାନଙ୍କ କାର୍ଯ୍ୟ ଦକ୍ଷତାକୁ ଭୂୟସୀ ପ୍ରଶଂସା କରିବା ସହ ସେମାନଙ୍କୁ ଶୁଭେଚ୍ଛା ଜଣାଇ ଶ୍ରୀ ମୋଦୀ ସେମାନଙ୍କୁ ଆନ୍ତର୍ଜାତିକ ବଜାର ଅନୁଯାୟୀ ଆବଶ୍ୟକୀୟ ଦକ୍ଷତାର ବିକାଶ ପାଇଁ ଆହ୍ୱାନ ଦେଇଛନ୍ତି । ସେମାନଙ୍କର ଅଭିଜ୍ଞତା ଏବଂ ପରାମର୍ଶ ଜରିଆରେ ଭାରତର ଦକ୍ଷତା ପ୍ରଶିକ୍ଷଣ ବ୍ୟବସ୍ଥାର ବିକାଶ ପାଇଁ ସେ ପରାମର୍ଶ ଦେଇଥିଲେ । ଭାରତକୁ ଏକ ବିଶ୍ୱ ଶ୍ରେଣୀୟ ଦକ୍ଷ ମାନବ ସମ୍ବଳ କେନ୍ଦ୍ର ଭାବେ ଗଢ଼ିତୋଳିବା ଲାଗି ସରକାରଙ୍କ ପକ୍ଷରୁ ଉଦ୍ୟମ ହେଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଏଥିନିମନ୍ତେ ଯୁବବର୍ଗଙ୍କର ସହଯୋଗର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଯୁବବର୍ଗଙ୍କ ସହ ଏହି ମତବିନିମୟ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଶିକ୍ଷାଗତ ଡିଗ୍ରୀ ସହିତ ବ୍ୟାବହାରିକ ଜ୍ଞାନ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏଥିନିମନ୍ତେ ଦକ୍ଷତା ବିକାଶ ପାଇଁ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠନ କରାଯାଇଥିଲା ବୋଲି ସେ କହିଛନ୍ତି । ବିଭିନ୍ନ ଦକ୍ଷତା ପ୍ରଶିକ୍ଷଣ ସଂସ୍ଥାନଗୁଡ଼ିକରେ ବହୁ ସଂଖ୍ୟକ ଯୁବବର୍ଗଙ୍କୁ ପ୍ରଶିକ୍ଷଣ ଦିଆଯାଇପାରିଛି ।

ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ପ୍ରତିଯୋଗିତାରେ ତାଙ୍କର ରହିଥିବା ଅଭିଜ୍ଞତା ସମ୍ପର୍କରେ ମତ ପ୍ରକାଶ କରିଥିଲେ । ବିଶ୍ୱ ମଞ୍ଚରେ ଭାରତ ପାଇଁ ପ୍ରତିନିଧିତ୍ୱ କରୁଥିବାରୁ ସେମାନେ ନିଜକୁ ଗର୍ବିତ ମନେ କରିଥିଲେ । ଅଂଶଗ୍ରହଣକାରୀମାନେ ନୂତନ ଯନ୍ତ୍ରାଂଶ, ସଫ୍ଟୱେୟାର୍, ବୈଶ୍ୱିକ ବ୍ୟବସ୍ଥା ଏବଂ କାର୍ଯ୍ୟଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ । ଚୀନ୍‌ର ସାଂଘାଇ ଠାରେ ଗତମାସ ୨୨ରୁ ୨୭ ତାରିଖ ମଧ୍ୟରେ ୪୮ତମ ବିଶ୍ୱ ଦକ୍ଷତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଭାରତ ଦଶମ ସ୍ଥାନ ଅଧିକାର କରିଥିଲା । ଭାରତୀୟ ଦଳ ୬ଟି ରୌପ୍ୟ ପଦକ ଏବଂ ଉତ୍କର୍ଷ ପାଇଁ ୨୦ଟି ପଦକ ଲାଭ କରିଥିଲେ ।

# ନୋବେଲ୍-ପିସ୍ ପ୍ରାଇସ୍

ଭାରତୀୟ ବଂଶୋଦ୍ଭବ ଦକ୍ଷିଣ ଆଫ୍ରିକା ଆଇନ୍‌ଜୀବୀ ନଭନେଥମ୍ ନାଭି ପିଲେ ଚଳିତ ବର୍ଷ ନୋବେଲ୍ ଶାନ୍ତି ପୁରସ୍କାର ପାଇବାକୁ

ମନୋନୀତ ହୋଇଛନ୍ତି । ଶାନ୍ତି ଏବଂ ଆନ୍ତର୍ଜାତିକ ଆଇନ୍‌କୁ ପ୍ରୋତ୍ସାହନ କରିବା ଦିଗରେ ତାଙ୍କର ଅବଦାନ ପାଇଁ ଏହି ପୁରସ୍କାର ମିଳିବ । ଜାତିସଂଘ ମାନବ ଅଧିକାରର ପୂର୍ବତନ ମୁଖ୍ୟ ତଥା ଆନ୍ତର୍ଜାତିକ ନ୍ୟାୟାଳୟର ବିଚାରପତି ପିଲେ ବର୍ଣ୍ଣବୈଷମ୍ୟ ବାଦ୍ ମଧ୍ୟରେ ବଢ଼ିଥିଲେ ଏବଂ ସେ ବର୍ଣ୍ଣବୈଷମ୍ୟ ବିରୋଧି କର୍ମୀମାନଙ୍କ ସପକ୍ଷରେ କାର୍ଯ୍ୟ କରିଥିଲେ । ସେ ମାନବ ଅଧିକାର ଏବଂ ସମାନତା ପ୍ରସାର ଦିଗରେ ନିଜକୁ ନିୟୋଜିତ କରିଥିଲେ ।

୧୯୪୧ ମସିହାରେ ଡର୍ବାନ୍ ସହରରେ ଜନ୍ମ ଗ୍ରହଣ କରିଥିବା ନାଭି ପିଲେଙ୍କ ପିତାମାତା ତାମିଲ ଥିଲେ । ସେ ହେଉଛନ୍ତି, ଦକ୍ଷିଣ ଆଫ୍ରିକାର ଉଚ୍ଚ ନ୍ୟାୟାଳୟରେ କାର୍ଯ୍ୟ କରୁଥିବା ପ୍ରଥମ କୃଷ୍ଣକାୟ ମହିଳା । ପରବର୍ତ୍ତୀ ସମୟରେ ସେ ରୁଆଣ୍ଡାର ଆନ୍ତର୍ଜାତିକ ଅପରାଧିକ ଟ୍ରିବ୍ୟୁନାଲ୍‌ର ବିଚାରପତି ତଥା ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ । ୨୦୦୮ରୁ ୨୦୧୪ ମସିହା ପର୍ଯ୍ୟନ୍ତ ସେ ଜାତିସଂଘର ମାନବାଧିକାର ହାଇକମିଶର୍ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ । ବିଶ୍ୱର ସବୁଠାରୁ ସମ୍ମାନଜନକ ପୁରସ୍କାର ଭାବେ ନୋବେଲ୍ ଶାନ୍ତି ପୁରସ୍କାରକୁ ବିବେଚନା କରାଯାଏ । ଚଳିତ ବର୍ଷ ନୋବେଲ୍ ଶାନ୍ତି ପୁରସ୍କାରର ୧୨୫ତମ ବାର୍ଷିକୀ ପାଳନ କରାଯାଉଛି ।

## ଭିପି-ଝାଡ଼ଖଣ୍ଡ ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆସନ୍ତାକାଲି ଝାଡ଼ଖଣ୍ଡର ଦେଓଘର ଗସ୍ତ କରିବେ । ଏହି ଗସ୍ତ କାଳରେ ଉପରାଷ୍ଟ୍ରପତି ନିଖିଳ ଭାରତ ଚିକିତ୍ସା ବିଜ୍ଞାନ ସଂସ୍ଥାନ (ଏମ୍‌ସ୍) ଦେଓଘରର ଦ୍ୱିତୀୟ ସମାବର୍ତ୍ତନ ସମାରୋହରେ ଅଂଶଗ୍ରହଣ କରିବେ । ଉପରାଷ୍ଟ୍ରପତି ମଧ୍ୟ ଦେଓଘର ସ୍ଥିତ ବି.ବି.ଏମ୍.ଟି. ହସ୍ପିଟାଲ୍ ଠାରେ ସୈନ୍ୟ ସମ୍ପର୍କ ମେଳା ପରିଦର୍ଶନ କରିବେ ।

## ଜୟଶଙ୍କର-ଇଥିଓପିଆ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଭାରତ ଏବଂ ଇଥିଓପିଆ ମଧ୍ୟରେ ରଣନୈତିକ ଭାଗିଦାରିତା ସମ୍ପର୍କ' ମୂଲ୍ୟବୋଧ, ସାର୍ବଜନୀନ ଆକାଂକ୍ଷା ଏବଂ ଐତିହାସିକ ଦକ୍ଷିଣ-ଦକ୍ଷିଣ ରାଷ୍ଟ୍ର ମଧ୍ୟରେ ଏକତା ବଜାୟ ରଖିବା ଉପରେ ପର୍ଯ୍ୟବେଶିତ । ଡକ୍ଟର ଜୟଶଙ୍କର ଆଦିସ୍ ଆବାବାଠାରେ ଇଥିଓପିଆ ପ୍ରତିପକ୍ଷ ଜେଡିଓନ୍ ତିମୋଥେଓସ୍ ହେସେବନ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଜୟଶଙ୍କର କହିଛନ୍ତି, ଉଭୟଙ୍କ ମଧ୍ୟରେ ଆଲୋଚନା' ଦ୍ୱିପାକ୍ଷିକ ସମ୍ପର୍କ, ବାଣିଜ୍ୟ, ପୁଞ୍ଜିନିବେଶ, ଭିତ୍ତିଭୂମି, ସାମୁଦ୍ରିକ, ସୁରକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ସଂସ୍କୃତି ସମ୍ପର୍କିତ

ବିକାଶ ମୂଳକ ପ୍ରକଳ୍ପ ନେଇ ହୋଇଥିଲା । ଉଭୟ ବୈଶ୍ୱିକ ବିକାଶ, ଭାରତ-ଆଫ୍ରିକା ଭାଗିଦାରିତା ସମ୍ପର୍କ ସୁଦୃଢ଼ କରିବା ନେଇ ଆଲୋଚନା କରିଥିଲେ ।

## ସେବାସଂକଳ୍ପ–ସେମିକଣ୍ଡକ୍ଟର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ସେମିକଣ୍ଡକ୍ଟର' ଅଭିଯାନ ମାଧ୍ୟମରେ ଦେଶରେ ହୋଇଥିବା ବ୍ୟାପକ ପରିବର୍ତ୍ତନ ସମ୍ପର୍କରେ ସୂଚନା ପ୍ରଦନା କରୁଛୁ ।

ଆଧୁନିକୀ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସେମିକଣ୍ଡକ୍ଟର ହେଉଛି ଏକ ଗଠନ ମୂଳକ ପଦକ୍ଷେପ ଏବଂ ଅର୍ଥନୈତିକ ଶକ୍ତି କେନ୍ଦ୍ରର ଭିତ୍ତିଭୂମି । ସେମିକଣ୍ଡକ୍ଟର' କୃତ୍ରିମ ବୁଦ୍ଧିମତା, ଟେଲି ଯୋଗାଯୋଗ, ବୈଦ୍ୟୁତିକ ଯାନବାହନ ଚଳାଚଳ, ପ୍ରତିରକ୍ଷା ଆଦି କ୍ଷେତ୍ରରେ ଶକ୍ତି ଯୋଗାଇଥାଏ ।

ଗତ ଦୁଇ ବର୍ଷ ମଧ୍ୟରେ ବିଶ୍ୱ ସେମିକଣ୍ଡକ୍ଟର ବଜାର ୨୦ ପ୍ରତିଶତରୁ ଊର୍ଦ୍ଧ୍ୱ ବୃଦ୍ଧି ପାଇଛି । ଦେଶର ୬ଟି ରାଜ୍ୟରେ ୧୨ଟି ସେମିକଣ୍ଡକ୍ଟର ପ୍ରକଳ୍ପ ଅନୁମୋଦିତ ହୋଇଛି । ସେଥିରେ ୧ ଲକ୍ଷ ୬୪ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପୁଞ୍ଜିନିବେଶ କରାଯାଇଛି । ନୂଆଦିଲ୍ଲୀ ଠାରେ ସେମିକନ୍ ଇଣ୍ଡିଆ ୨୦୨୬ରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, **V/O**

## ତାଞ୍ଜାନିଆ-ଆକ୍ସିଡେଣ୍ଟ

ତାଞ୍ଜାନିଆରେ ଆଜି ସକାଳେ ଏକ ଯାତ୍ରୀବାହି ବସ୍ ଓ ଟ୍ରକ୍ ମଧ୍ୟରେ ଦୁର୍ଘଟଣା ହେବା ଫଳରେ ୨୮ ଜଣଙ୍କର ମୃତ୍ୟୁ ଘଟିଛି । ମୋରୋଗୋରୋ-ଦାର୍ ଏସ୍ ସାଲାମ୍ ରାଜପଥରେ ଏହି ଦୁର୍ଘଟଣା ଘଟିଥିଲା । ବସ୍‌ଟି ଦାର୍ ଏସ୍ ସାଲାମ୍‌ରୁ ଏମ୍‌ବେୟା ଅଭିମୁଖେ ଯାତ୍ରା କରୁଥିଲା । ଦୁର୍ଘଟଣାରେ ବହୁ ସଂଖ୍ୟକ ଲୋକ ଆହତ ହୋଇଛନ୍ତି । ଆହତମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

## ତାମିଲନାଡୁ-ବାଇପୋଲ୍

ତାମିଲନାଡୁର ମଦୁରନ୍ତକମ୍ ଏବଂ ଧାରାପୁରମ୍ ବିଧାନସଭା ଆସନ ଲାଗି ହୋଇଥିବା ଉପନିର୍ବାଚନରେ ଶାସକ ତାମିଲାଗା ଭେଟ୍ରି କାଜାଗାମ୍–ଟିଭିକେ ଦଳ ବିଜୟୀ ହୋଇଛି । ମଦୁରନ୍ତକମ୍‌ରେ ଟିଭିକେ ପ୍ରାର୍ଥି କେ. ମାରାଗାଥାମ୍ କୁମାରଭେଲ୍ ଡି.ଏମ୍.କେ. ପ୍ରାର୍ଥିଙ୍କୁ ପରାସ୍ତ କରିଛନ୍ତି । ସେହିପରି ଧାରାପୁରମ୍ ଆସନରେ ଟିଭିକେ ପ୍ରାର୍ଥି ପି. ସତ୍ୟବାମା ଡି.ଏମ୍.କେ. ପ୍ରାର୍ଥିଙ୍କୁ ୯ ହଜାର ୪୭୧ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି ।

## ଏନ୍ଏସ୍ଓ-ଜିଏସ୍ଡିପି ଏସ୍ଟିମେଟସ୍

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ମୋଟ୍ ରାଜ୍ୟ ଘରୋଇ ଉତ୍ପାଦ – ଜି.ଏସ୍.ଡି.ପି. ପାଇଁ ଚିଠା ମାର୍ଗଦର୍ଶିକା ଜାରି କରାଯାଇଛି । ଏଥିରେ ୨୦୨୨-୨୩ ବର୍ଷକୁ ଭିତ୍ତି କରି ବ୍ୟୟ ଆକଳନ କରାଯାଇଛି । ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ବ୍ୟୟ ଆକଳନରେ ଜି.ଏସ୍.ଡି.ପି.ରେ ସମାନତା ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ନୂତନ ମାର୍ଗଦର୍ଶିକାର ଲକ୍ଷ୍ୟ ରହିଛି ।

# କ୍ରିକେଟ୍

ରାଞ୍ଚିଠାରେ ଭାରତ-ୱେଷ୍ଟଇଣ୍ଡିଜ ଚଳିତ ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଜାରି ରହିଛି । ୱେଷ୍ଟଇଣ୍ଡିଜ୍ ଟସ୍ ଜିତି ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି ।

ଲକ୍ଷ୍ନୌଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାରତ ୮ ୱିକେଟ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରି ସିରିଜ୍‌ରେ ୧-୦ରେ ଆଗୁଆ ରହିଛି ।

# ୟୁଜିସି ନେଟ୍

ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ. ପକ୍ଷରୁ ଡିସେମ୍ବର ୨୦୨୬ ସେସନ୍‌ର ୟୁ.ଜି.ସି. ନେଟ୍ ଲାଗି ପଞ୍ଜିକରଣ ବ୍ୟବସ୍ଥା ଆରମ୍ଭ ହୋଇଛି । ଯୋଗ୍ୟ ପ୍ରାର୍ଥୀମାନେ ଜୁନିୟର୍ ରିସର୍ଚ୍ଚ ଫେଲୋସିପ୍, ଆସିଷ୍ଟାଣ୍ଟ ପ୍ରଫେସର୍‌ସିପ୍ ବା ପିଏଚ୍.ଡି. ଲାଗି ଏନ୍.ଟି.ଏ.ର ୱେବ୍‌ସାଇଟ୍ **ugcnet.nta.nic.in** ମାଧ୍ୟମରେ ଅନ୍‌ଲାଇନ୍‌ରେ ପଞ୍ଜିକରଣ କରିପାରିବେ । ଏହା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏଥିଲାଗି ଡିସେମ୍ବର ୧୪ରୁ ୧୯ ତାରିଖ ମଧ୍ୟରେ ପରୀକ୍ଷା କରାଯିବ ଏବଂ ପ୍ରାର୍ଥୀମାନେ ଅଫିସିଆଲ୍ ୱେବ୍‌ସାଇଟ୍‌ରୁ ବିସ୍ତୃତ ତଥ୍ୟ ପାଇପାରିବେ ବୋଲି ଏନ୍.ଟି.ଏ. କହିଛି ।